# କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି

କିଶୋରନଗର,୧୬ ।୩(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ଅବଦଲ ଏମ୍ ଅଖତର ଯୋଗଦେଇ ସମୁଦାୟ ୪୯ ଅଭିଯୋଗର ଶୁଣାଣି କରିଥିଲେ । ଭତ୍ତା, ଆବାସ ଯୋଜନାରେ ଗୃହ, ପାନୀୟ ଜଳ ସମସ୍ୟା, ଅଚଳ ଉଠାଜଳସେଚନ ପଏଣ୍ଟଗୁଡ଼ିକର ମରାମତି, ରାସ୍ତା, ବିଦ୍ୟୁତ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା । ଅବସରରେ ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦ ମାଣିକପୁରର ସୁଶୀଲ ପ୍ରଧାନଙ୍କୁ ୭୫୦୦ଟଙ୍କା, ଓ ବଏଜାର ନିରଞ୍ଜନ ମିର୍ଦ୍ଧାଙ୍କୁ ୨୫୦୦ ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା । ଶିବିରରେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ସିଡିଏମଓ ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଆର୍‌ଡି ନିର୍ବାହୀ ଯନ୍ତ୍ରୀ ପ୍ରତାପ ହରିପାଲ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ ଭୋଇ, ସିଡିଏଓ ଉମାଶଙ୍କର ମିଶ୍ର, ଆରଡବ୍ଲ୍ୟୁଏସଏସ୍ ନିର୍ବାହୀ ଯନ୍ତ୍ରୀ ଚଚିନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ବିଡିଓ ଶୁଭକାନ୍ତ ନାଏକ ଓ ଅତିରିକ୍ତ ତହସିଲଦାର ସରିତା ସୁଚରିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ପୂର୍ବତନ ବିଇଓଙ୍କ ସ୍ମୃତିସଭା



ଅନୁଗୋଳ,୧୬ ।୩(ସମିସ): ସ୍ଥାନୀୟ ଅମଲାପଡ଼ାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପୂର୍ବତନ ଛେଣ୍ଡିପଦା ବିଇଓ, ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନଙ୍କ ସହଧର୍ମିଣୀ ସ୍ୱର୍ଗତା କମଳିନୀ ପ୍ରଧାନଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ଓ କରୁଥିବା ବହୁ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କମଳିନୀଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କମଳିନୀ ଜଣେ ସାହସୀ, ଉଦାର ତଥା ନିର୍ଭୀକ ମହିଳା ଭାବେ ପରିଚିତ ବୋଲି ଅତିଥିମାନେ ଆଲୋଚନା କରିଥିଲେ । ସେ ବୃତ୍ତିରେ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ହୋଇ ମଧ୍ୟ ସାହିତ୍ୟ ଓ ସଙ୍ଗୀତ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ତାଙ୍କ ଅପ୍ରତ୍ୟାଶିତ ବିୟୋଗ ଜିଲ୍ଲାରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଥିଲା । ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ "ତାମଡ଼ା'ର ପୂର୍ବତନ ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ମୁଖ୍ୟଅତିଥି ଭାବେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବେଡ଼ାଶାସନ ହାଇସ୍କୁଲ ପ୍ରଧାନଶିକ୍ଷକ ଆଶୁତୋଷ ମହାପାତ୍ର, ଶିକ୍ଷାବିତ ଅକ୍ଷୟ କୁମାର ପ୍ରଧାନ, ହେମନ୍ତ କୁମାର ମିଶ୍ର, ପଣ୍ଡିତ ବିନୟ କର, ଛେଣ୍ଡିପଦା ବିଇଓ କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରଫୁଲ୍ଲ କୁମାର ସାହୁ, ହିଙ୍ଗୁଳା ହାଇସ୍କୁଲ ପ୍ରଧାନଶିକ୍ଷକ ଗିରୀଶଚନ୍ଦ୍ର ସାହୁ, ନବଘନ କୁଅଁର, ଓଷ୍ଟା ସଭ୍ୟ ଶିଶିର କୁମାର ସାହୁ, ବିଶ୍ୱରଞ୍ଜନ ସାହୁ ଓ ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପ୍ରଧାନଙ୍କ ଫଟୋଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାକ୍ତନ ଶିକ୍ଷକ ତଥା ଓଷ୍ଟାର ଉପସଭାପତି ପଣ୍ଡିତ ଭାସ୍କର ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ପାଲଲହଡ଼ା,୧୬ ।୩(ସମିସ): ପାଲଲହଡ଼ାର ବିଶିଷ୍ଟ ସମାଜସେବୀ, ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ଦିଲେଶ୍ୱର ପ୍ରଧାନଙ୍କର ସୋମବାର ପରଲୋକ ଘଟିଛି । ୧୯୪୮ରେ ସୁରୁସୁଲେଇ ଗ୍ରାମରେ ଜନ୍ମିତ ଦିଲେଶ୍ୱର ଦଶମ ପାସ କରିବା ପରେ ସରକାରୀ ଚାକିରିରେ ଯୋଗଦେଇଥିଲେ । ୧୯୭୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସମାଜସେବା ଓ ରାଜନୀତିରେ ଯୋଗଦେଇଥିଲେ । ୧୯୮୪ରେ ସେ ନିଜିଗଡ଼ ସରପଞ୍ଚ ଭାବେ ନିର୍ବାଚିତ ହେଇଥିଲେ । ସେ ଆଜୀବନ ଅବିବାହିତ ଥିଲେ । ସରପଞ୍ଚ ପଦବୀରୁ ବିଦାୟ ନେଲା ପରେ ସମାଜସେବାରେ ନିଜକୁ ନିୟୋଜିତ କରି ସାଧୁସନ୍ଥ ଭାବେ ଜୀବନ କଟାଉଥିଲେ । ନିକଟ ଅତୀତରେ ରେଙ୍ଗାଲି ଜଳଭଣ୍ଡାରରେ ବିସ୍ଥାପିତ ପ୍ରଜା ଭାବେ ପାଇଥିବା ୬ ଏକର ୪୦ ଡିସିମିଲ ଜମିକୁ ପାଲଲହଡ଼ା ବଡ଼ଦେବଜୀଉ ମନ୍ଦିରକୁ ଦାନ କରିଥିଲେ । କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ସୋମବାର ସକାଳେ ଦୀର୍ଘ ସମୟ ଧରି ନ ଉଠିବାରୁ ତାଙ୍କୁ ଘର ଭିତରୁ ଉଦ୍ଧାର କରାଯାଇଥିଲା । ସେତେବେଳକୁ ତାଙ୍କ ଦେହାନ୍ତ ହେଇଯାଇଥିଲା । ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଦେବୋତ୍ତର ମ୍ୟାନେଜର ଜଳଧର ମହାନ୍ତି, ତନ୍ମୟ କୁମାର ସାହୁ, ଲିଙ୍ଗରାଜ ଦାଶ, ସୁଶୀଲ କୁମାର ସାମଲ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣେଇଥିଲେ । ତାଙ୍କ ଦେହାନ୍ତରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ତିନି ଭାଇ ଓ ଆତ୍ମୀୟ ପହଞ୍ଚିବା ପରେ ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ମାଙ୍କଡ଼ା ନଦୀ କୂଳ ଶ୍ମଶାନଘାଟରେ ସମାଧି ଦିଆଯାଇଛି । ତାଙ୍କୁ ସମ୍ମାନ ଜଣାଇ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ବ୍ୟବସାୟୀ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ସମସ୍ତ ପୂଜା କମିଟି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୧୬ ।୩(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା । ୫ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



# ପଲିଥିନ୍ ପ୍ରଦୂଷଣ ବଳୟରେ ନାଲକୋ ନଗର

ଅନୁଗୋଳ,୧୬ ।୩(ସମିସ):



ଗାଁରୁ ସହର ହେବ ପଲିଥିନମୁକ୍ତ । ଏଥିପାଇଁ ନିୟମ ରହିଛି । ହେଲେ ନିୟମକୁ ମାନୁଛି ବା କିଏ? ଏ ନେଇ ନା ପ୍ରଶାସନର ଦାୟିତ୍ୱ ଅଛି ନା ଅଛି ଲୋକଙ୍କ ସଚେତନତା । ପରିବା ଦୋକାନଠୁ ଆରମ୍ଭ କରି ସବୁ ଦୋକାନରେ ବ୍ୟବହାର ହେଉଛି ପଲିଥିନ । ପଲିଥିନ୍ ସବୁଠାରୁ ଅଧିକ ପରିମାଣର ପ୍ରଦୂଷଣ ବୃଦ୍ଧି କରିବାରେ ସହାୟକ ହେଉଛି । ଏ ଦିଗରେ ତର୍ଜମା କରିବାକୁ ସ୍ୱତନ୍ତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରହିଛି । ତେବେ କର୍ଯ୍ୟାନୁଷ୍ଠାନ ହେଉନାହିଁ । ବେଆଇନ ପଲିଥିନ ତା' ବାଟରେ ବେପାର ପସରା ମେଲିଛି । ଅନ୍ୟପଟେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିରବଦ୍ରଷ୍ଟା ସାଜିଛି । ସେହିପରି ସହରରେ ପ୍ରତିଦିନ ବିପୁଳ ବର୍ଜ୍ୟବସ୍ତୁ ସୃଷ୍ଟି ହୋଉଛି । ଅଥଚ ପରିଚାଳନା ଘର ଶୂନ । ବର୍ଷ ବର୍ଷ ଧରି ସେମିତି ପଡ଼ି ରହୁଛି ଆବର୍ଜନା । ପଲିଥିନ ଭାଗ ଏଥିରେ ଅଧିକ । ନାଲକୋ ନଗର ସହର ଉପକଣ୍ଠ କନ୍ୟାବେଡ଼ା ଗ୍ରାମ ନିକଟରେ ରହିଛି ନାଲକୋ ନଗରର ଡମ୍ପିଂ ୟାର୍ଡ । ତା'ସାଙ୍ଗକୁ ନାଲକୋ ଅଞ୍ଚଳରୁ ସଂଗ୍ରହ ହେଉଥିବା ଆବର୍ଜନାରୁ ଜୈବିକ ଖତ/ ସାର ପ୍ରସ୍ତୁତ ହୁଏ । ଯେଉଁ ଜୈବିକ ଖତ ନାଲକୋ ଉଦ୍ୟାନ ବିଭାଗରେ ବ୍ୟବହାର କରାଯାଏ । ଜୈବିକ ଖତ ପ୍ରସ୍ତୁତ ପାଇଁ ବିଭିନ୍ନ ରାସାୟନିକ ଦ୍ରବ୍ୟ ବ୍ୟବହାର କରିବା ଫଳରେ ବାୟୁମଣ୍ଡଳରେ ମଧ୍ୟ ବିଷାକ୍ତ ଗ୍ୟାସ ମିଶିଥାଏ । ନିୟମ ଅନୁଯାୟୀ ଏହା ଜନବସତିଠାରୁ ଦୂରରେ ରହିବା ଆବଶ୍ୟକ । ଏହି ଡମ୍ପିଂ ୟାର୍ଡକୁ ଲାଗି ରହିଛି ଜନବସତି । ପଲିଥିନ ବର୍ଜ୍ୟବସ୍ତୁଗଡ଼ିକ ସାମାନ୍ୟ ପବନ ବାଜିଲେ ଉଡ଼ି ବୁଲୁଛି । କଠିନ ବର୍ଜ୍ୟବସ୍ତୁ ପରିଚାଳନା ହେଉନାହିଁ । ଫଳରେ ଉକ୍ତ ସ୍ଥାନରେ ପ୍ଲାଷ୍ଟିକ/ପଲଥିନର ପାହାଡ଼ ସୃଷ୍ଟି ହୋଇଗଲାଣି । ଏନେଇ ନାଲକୋ ପ୍ରଶାସନର ପଦକ୍ଷେପ ଶୂନ । ପଲିଥିନ ବ୍ୟବହାର ପରିବେଶ ପାଇଁ ଯେତିକି କ୍ଷତିକାରକ ସେତିକି ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଦ । ସହରାଞ୍ଚଳରେ ବୁଲା ଗୋରୁମାନେ ଅଳିଆ ଆବର୍ଜନା ମଧ୍ୟରୁ ଖାଦ୍ୟ ଖାଇବାକୁ ନ ପାଇ ପ୍ଲାଷ୍ଟିକ ଜରିରେ ଆସୁଥିବା ଖାଦ୍ୟକୁ ଖାଇବା ଲୋଭରେ ଜରି ଖାଇବା ଦେଖିବାକୁ ମିଳୁଛି । ସବୁ ପରିବା ଦୋକାନଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ଜିନିଷ ନେବା ଆଣିବାରେ ପଲିଥିନ ମୁଖ୍ୟ ମାଧ୍ୟମ ସାଜିଛି । ବିଶେଷ କରି ଗରମ ଖାଦ୍ୟ ସାମଗ୍ରୀ କଳା, ନାଲି, ନୀଳ, ପଲିଥିନରେ ନେବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ । ଏମିତିକି ତରଳ ପଦାର୍ଥ ନେଲେ ସେଥିରୁ ରଙ୍ଗ ମଧ୍ୟ ଛାଡ଼ିଯାଉଛି । ଖାଲି ସେତିକି ନୁହେଁ ପ୍ଲାଷ୍ଟିକ ଚା' କପ ବ୍ୟବହାର କରିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ନାଲକୋ ଅଞ୍ଚଳରୁ ଦୈନିକ ଘର ଘର ବୁଲି ୮ରୁ ୧୦ କୁଇଣ୍ଟାଲ ଆବର୍ଜନା ସଂଗ୍ରହ କରାଯାଇଥାଏ । ସେଥିମଧ୍ୟରୁ ୭୦ ପ୍ରତିଶତ ପ୍ଲାଷ୍ଟିକ । ଫଳରେ ଉକ୍ତ ଆବର୍ଜନା ଡମ୍ପିଂ ୟାର୍ଡ ସ୍ଥାନରେ ପ୍ଲାଷ୍ଟିକ, ଜରିର ପାହାଡ଼ ସୃଷ୍ଟି ହୋଇଯାଇଛି । ବର୍ଜ୍ୟ ପଲିଥିନକୁ ନାଲକୋ ପୁନଃ ପ୍ରକ୍ରିୟାକରଣରେ ଉପଯୋଗ କରିପାରୁ ନାହିଁ କି ସ୍ଥାନାନ୍ତର କରିପାରୁ ନାହିଁ ଅବା ନଷ୍ଟ ମଧ୍ୟ କରିପାରୁ ନାହିଁ । ୧୦ ବର୍ଷ ପୂର୍ବେ ସିମେଣ୍ଟ କାରଖାନାରେ ଉପଯୋଗ ପାଇଁ ଏହି ବର୍ଜ୍ୟ ପଲିଥିନ କିଛି ଯାଇଥିଲା । ମଝିରେ କିଛି ପୋଡ଼ି ଦିଆଯାଇଥିଲା । ପରିବେଶ ଉପରେ ଉତ୍କଟ ପ୍ରଭାବ ପଡ଼ିବା ଆଶଙ୍କାରେ ଆଉ ସେଥିରେ ନିଆଁ ଲଗାଯାଉ ନାହିଁ । ପୁନଃ ପ୍ରକ୍ରିୟାକରଣ ଦ୍ୱାରା ଏହାକୁ ବିନିଯୋଗ କରିବାକୁ କୌଣସି କମ୍ପାନୀ ଏଠାରୁ ଆସି ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏ ସମ୍ପର୍କରେ ନାଲ୍‌କୋର ଜଣେ ଅଧିକାରୀଙ୍କ ମତାମତ ଲୋଡ଼ିବାରୁ କହିଲେ, ବର୍ଜ୍ୟ ପଲିଥିନର ପରିଚାଳନା ପାଇଁ ଆମେ ଚେଷ୍ଟା କରୁଛୁ । ଏଥିସହ ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି । କଲୋନୀରେ ପଲିଥିନ ବ୍ୟବହାର ନେଇ ନିଷେଧନାମା ଜାରି କରାଯାଇଛି ବୋଲି ସେ କହିଛନ୍ତି ।

# ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ

ଅନୁଗୋଳ,୧୬ ।୩(ସମିସ): ଜିଲ୍ଲାରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ



ଗୃହଗଣନା ଓ ଗୃହ ତାଲିକାକରଣ ପାଇଁ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ସ୍ଥାନୀୟ ବ୍ଲକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ନିର୍ଦ୍ଦେଶରେ ମାର୍ଚ୍ଚ ୧୬, ୧୭ ଓ ୧୮ ତାରିଖ ୩ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ତଥା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ କାର୍ଯ୍ୟକ୍ରମର ଉଦଘାଟନ କରି ପ୍ରଶିକ୍ଷକମାନଙ୍କୁ ଜନଗଣନାର ପ୍ରକୃତ ଉଦ୍ଦେଶ୍ୟ ଓ ମାର୍ଗଦର୍ଶିକା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପ୍ରଶିକ୍ଷକ ଭାବେ ଛେଣ୍ଡିପଦା ତହସିଲଦାର ମାନସରଞ୍ଜନ ରାୟ ଓ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସଞ୍ଜୀବ ରାଉତ ୪୪ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ । ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଦୀପକ କୁମାର ତାଲିମ ପ୍ରଦାନରେ ସହାୟତା କରିଥିବାବେଳେ ଡେପୁଟି କଲେକ୍ଟର ତଥା ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର ତାଲିମ ପରିଚାଳନା କରିଥିଲେ ।

# ଟେଣ୍ଟ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୧୬ ।୩(ସମିସ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ଗଦଶିଳା ଗ୍ରାମରେ ଏକ ଭଡ଼ାଘରୁ ଜଣେ ଟେଣ୍ଟ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଜିଅନ୍ତାପାଲି ଗ୍ରାମର ସୁଶାନ୍ତ ମାଝି (୪୨) । ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଇବା ସହ ତଦନ୍ତ ଚଳାଇଛି । ପୁଲିସ ସୂଚନା ଅନୁଯାୟୀ, ସୁଶାନ୍ତ ଏନଟିପିସି ଅଞ୍ଚଳରେ ଟେଣ୍ଟ ମିସ୍ତ୍ରି ଭାବେ କାମ କରନ୍ତି । ଗଦଶିଳା ଗ୍ରାମରେରେ ପରିବାର ସହ ଭଡ଼ାଘରେ ରହୁଥିଲେ । ସୋମବାର ଅପରାହ୍ନ ପ୍ରାୟ ୩ଟାରେ ସୁଶାନ୍ତ ମଦ୍ୟପାନ କରି ଘରକୁ ଆସିଥିଲେ । ନିଶାରେ ସ୍ତ୍ରୀ ସହ ପାଟିତୁଣ୍ଡ କରି ପରେ ଘର ଭିତରେ କବାଟ ବନ୍ଦ କରିଦେଇଥିଲେ । ଯେତେ ଡାକିଲେ ମଧ୍ୟ ସେ ନ ଶୁଣିବାରୁ ସ୍ତ୍ରୀ ସ୍କାଏ ଲାଇଟରେ ସୁଶାନ୍ତ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଶୁଶାନ୍ତଙ୍କ ମୃତଦେହ ଉଦ୍ଧାର କରିଛି ।

# ଓଡ଼ିଶା ଡିଜିଟାଲ ମିଡିଆ ମହାସଙ୍ଘର ଜିଲ୍ଲା କମିଟି ଘୋଷଣା

ବଅଁରପାଳ,୧୬ ।୩(ସମିସ): ଓଡ଼ିଶା ଡିଜିଟାଲ ମିଡିଆ ମହାସଙ୍ଘର ଅନୁଗୋଳ ଜିଲ୍ଲା କମିଟି ଘୋଷଣା କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ସରୋଜକାନ୍ତ ଜେନା ନୂତନ କମିଟି ଘୋଷଣା କରିଛନ୍ତି । ୨୦୨୬-୨୭ ବର୍ଷ ପାଇଁ ଜିଲ୍ଲାର ପଦାଧିକାରୀମାନଙ୍କୁ ନିର୍ବାଚିତ କରାଯାଇଛି । ଘୋଷଣା ଅନୁଯାୟୀ, ରାଜ୍ୟ ପରିଷଦ ସଦସ୍ୟ ଭାବେ ରୁଦ୍ରମୋହନ ସାହୁ, ଜିଲ୍ଲା ସଭାପତି ଭାବେ ସନାତନ କର, ଜିଲ୍ଲା ଉପସଭାପତି ଭାବେ ସୁମନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦକ ଭାବେ ସୁଶୀଲ କୁମାର ଆଇଚ, ସହ-ସମ୍ପାଦକ ଭାବେ ପ୍ରିୟବ୍ରତ ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ କୃତିବାସ ନାୟକ, ପ୍ରିୟମାଧବ ଦାସ ଓ ସୌଭାଗ୍ୟ ନାୟକ ମନୋନୀତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଜେନା କହିଛନ୍ତି ଯେ ଡିଜିଟାଲ ମିଡିଆ କ୍ଷେତ୍ରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସଂଗଠିତ କରିବା ସହ ତାଙ୍କ ଅଧିକାର ସୁରକ୍ଷା, ପେସାଗତ ଉନ୍ନତି ଓ ସମାଜରେ ଡିଜିଟାଲ ସାମ୍ବାଦିକତାକୁ ଆହୁରି ଶକ୍ତିଶାଳୀ କରିବା ନିମନ୍ତେ ଏହି ନୂତନ କମିଟି କାମ କରିବ । ନୂତନ କମିଟି ଘୋଷଣା ପରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ଡିଜିଟାଲ ମିଡିଆ ସାମ୍ବାଦିକମାନେ ନବନିର୍ବାଚିତ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କୃଷ୍ଣ ମେମୋରିଆଲ କ୍ରିକେଟ; କଂସମୁଣ୍ଡା ଚାମ୍ପିଅନ



କଣିହାଁ,୧୬ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଟୋଲକବେଡା ଗ୍ରାମରେ ଅନୁଷ୍ଠିତ ଦୁଇଦିନିଆ କୃଷ୍ଣ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲେ । ଫାଇନାଲ୍ କଂସମୁଣ୍ଡା ଓ ହଟିଙ୍ଗି ଦଳ ମଧ୍ୟରେ ଖେଳାଯାଇଥିଲା । କଂସମୁଣ୍ଡା ବିଜୟୀ ହୋଇ ଚାମ୍ପିଅନ ହୋଇଛି । କଂସମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୯୯ ରନ୍ ସଂଗ୍ରହ କରିଥିଲା । ଜବାବରେ ହଟିଙ୍ଗି ଦଳ ୮ ୱିକେଟ୍ ହରାଇ ୭୦ ରନରେ ସୀମିତ ରହିଥିଲା । ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ଇଗଲଷ୍ଟାର କ୍ଲବ ସଭାପତି ତପନ ନାଏକ, ସାମାଜିକ କର୍ମୀ ଗୋପବନ୍ଧୁ ସାହୁ ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ବିଜୟାନନ୍ଦ ସାହୁ, ନରୋତ୍ତମ ନାଏକ, ସତ୍ୟମ ପ୍ରଧାନ ଓ ଅନୀଲ ନାଏକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଆୟୋଜକ ଅନୁଷ୍ଠାନର ସତ୍ୟରାମ ପ୍ରଧାନ, କାହ୍ନା ସାହୁ, ସୁଶୀଲ ନାଏକ, ଶୁଭ୍ରାସୁନ୍ଦର କବି, ବଳରାମ ସେଠୀ, ବିଶ୍ୱଜିତ୍ ସାହୁ, ଜ୍ୟୋତିରଞ୍ଜନ, ମାଧବ ନାଏକ, ଦାନିଏଲ୍, ଜିଙ୍ଗାସୁନ୍ଦର, ଆମସ, ସଚ୍ଚିନ, ବିଭୂତି, ଯାଦବ, ଶୁଭରଞ୍ଜନ, ସୂରଜ, ଚିକୁ, ଚକ୍ରଧର, ସୁମନ୍ତ, ବସନ୍ତ, ଆଶୀର୍ବାଦ, ସଂଗ୍ରାମ, ଲିଟୁ ଓ ରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ନାଲକୋ ମନ୍ଦିର ପ୍ରଶାସନ ପକ୍ଷରୁ ସାମୂହିକ ବ୍ରତୋପନୟନ



ନାଲକୋ ନଗର,୧୬ ।୩(ସମିସ): ନାଲକୋ ନଗର ମନ୍ଦିର କମିଟି ପକ୍ଷରୁ ଚଳିତ ବର୍ଷ ସପ୍ତମ ଥର ପାଇଁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତପନୋୟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି । ମନ୍ଦିର କମିଟି ସଭାପତି ସଚ୍ଚିଦାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର କଙ୍କିଳି, ବାଲିପଟା, ଦୁହୁରୁକୁଟ, କୁମୁସି, ମୁଣ୍ଡେଇଲୋ ଅଞ୍ଚଳରୁ ୫ଜଣ ଗରିବ ବ୍ରାହ୍ମଣ ପିଲାଙ୍କର ବିନା ଖର୍ଚ୍ଚରେ ବ୍ରତୋପନୟନ କରାଯାଇଥିଲା । ମନ୍ଦିର ପ୍ରାଙ୍ଗଣ ୫ଟି ବେଦିରେ ଏକାସାଙ୍ଗରେ ୫ଜଣ ବ୍ରତ ହୋଇଥିଲେ । ସମସ୍ତ ଖର୍ଚ୍ଚ ନାଲକୋ ମନ୍ଦିର ପ୍ରଶାସନ ତରଫରୁ ବହନ କରାଯାଇଛି । ସୋମବାର ସକାଳ ୬ଟାରୁ ଚାରିକର୍ମ, ବ୍ରତକର୍ମ, ମୁଣ୍ଡନ, ପଞ୍ଚଗ୍ରାସ, ଭିକ୍ଷା ଗ୍ରହଣ, ମନ୍ଦିର ପରିସରରୁ ବ୍ରହ୍ମଚାରୀଙ୍କ ରୋଷଣୀ ତାରିଣୀ ମନ୍ଦିର ଛକ ପର୍ଯ୍ୟନ୍ତ ପରିକ୍ରମା କରି ମନ୍ଦିର ନିକଟ ବେଦିକୁ ଆସିଥିଲେ । ଛତିଆବଟରୁ ଆସିଥିବା ମୁଖ୍ୟ ପୁରୋହିତ ତାପସ ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ୫ଜଣ ପୁରୋହିତ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ପୂଜା କର୍ମରେ ସଞ୍ଜୀବ କୁମାର ଦାସ, ପର୍ଶୁରାମ ସ୍ୱାଇଁ, ବନୋଜ ମହଲା, ରଞ୍ଜିତ କୁମାର ରଥ, ରାଧାମାଧବ ଦାଶ, ଆଦିତ୍ୟ ସାମଲ ପ୍ରମୁଖ ସହଯୋଗ କରିଥିଲେ । ବ୍ରତ ହେଉଥିବା ପ୍ରତ୍ୟେକ ପରିବାରର ବନ୍ଧୁ ପରିଜନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର କମିଟି ସମ୍ପାଦକ ଭବାନୀ ଶଙ୍କର ସାହୁ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ପଣ୍ଡା, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ପ୍ରଧାନ, ଜିତେନ୍ କୁମାର ପତି, ଉପସଭାପତି ସତ୍ୟବାଦୀ ମିଶ୍ର, ଭଣ୍ଡାର ପରିଚାଳକ ପର୍ଶୁରାମ ସ୍ୱାଇଁ, ଅଫିସ ପରିଚାଳକ ନିର୍ମଳ ବାରିକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



# ତାଳଚେରରେ ମାଳମାଳ ବେଆଇନ ଗ୍ୟାସ୍ ସିଲିଣ୍ଡର ଦୋକାନ

ତାଳଚେର,୧୬ ।୩(ସମିସ):

ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ବେଆଇନ ଭାବେ ଦୋକାନଗୁଡ଼ିକରେ ଏଲପିଜି ଗ୍ୟାସ ସିଲିଣ୍ଡର ଚଢ଼ା ଦରରେ ଚୋରାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଏହି ଗ୍ୟାସ ଦୋକାନୀମାନେ ଅସୁରକ୍ଷିତ ଭାବେ ସିଲିଣ୍ଡର ଗଚ୍ଛିତ ରଖିଥିବାରୁ ଅଞ୍ଚଳବାସୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । କେତେବେଳେ ଯେ ଦୁର୍ଘଟଣାର କାରଣ ହେବ, ସେ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏପରି ସ୍ଥଳେ ସ୍ଥାନୀୟ ପ୍ରଶାସନ ଓ ଯୋଗାଣ ବିଭାଗର ନିଘାନାହିଁ । ତାଳଚେର ଅଞ୍ଚଳରେ ସ୍ୱୀକୃତିପ୍ରାପ୍ତ ଗ୍ୟାସ ଏଜେନ୍ସି ଥିବାବେଳେ ଏସବୁକୁ ବାଦ ଦେଇ ବେଆଇନ ଭାବେ ବହୁ ଏଲପିଜି ଗ୍ୟାସ ଦୋକାନ ଖୋଲିଛି । ମାଳ ମାଳ ସିଲିଣ୍ଡର ଚୋରାରେ ବିକ୍ରି ହେଉଛି । କେତେକ ଅସାଧୁ ବ୍ୟକ୍ତି ଏହାର ଫାଇଦା ଉଠାଇବା ସହ ସିଲିଣ୍ଡର ପିଛା ୫୦୦ରୁ ୮୦୦ ଟଙ୍କା ଅଧିକ ନେଉଛନ୍ତି । ଅପରପକ୍ଷେ ଶହ ଶହ ଏଲପିଜି ସିଲିଣ୍ଡର କିପରି ପ୍ରଦାନ କରାଯାଉଛି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନେକ ଜନବସତି ଅଞ୍ଚଳରେ ଖୋଲିଥିବା ଏହି ଦୋକାନରେ ଗଚ୍ଛିତ ରହୁଥିବା ଗ୍ୟାସ ସିଲିଣ୍ଡରଗୁଡ଼ିକ କୌଣସି ମୁହୂର୍ତ୍ତରେ ଦୁର୍ଘଟଣାର କାରଣ ହୋଇପାରେ । ଏ ସବୁ ବେଆଇନ ଦୋକାନୀମାନେ ସେମାନଙ୍କ ନିଜ ଅଞ୍ଚଳରେ ବିବାହ ବ୍ରତ ଓ ବିଭିନ୍ନ ଉତ୍ସବରେ ଗ୍ୟାସ ସିଲିଣ୍ଡରଗୁଡ଼ିକ ଗ୍ରାହକଙ୍କୁ ଚଢ଼ା ମୂଲ୍ୟରେ ବିକ୍ରି କରିଥାନ୍ତି । ତେବେ ଏହି ସବୁ ଦୋକାନୀମାନେ ସ୍ୱୀକୃତିପ୍ରାପ୍ତ ଏଜେନ୍ସିଠାରୁ ବିଭିନ୍ନ ଲୋକଙ୍କ ନାମରେ ସିଲିଣ୍ଡର ନେଇ କାରବାରକୁ କାଗଜପତ୍ରରେ ନିୟମିତ କରାଇଛନ୍ତି । ଏ ଦିଗରେ ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

● କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା

# ବଅଁରପାଳ ଅଞ୍ଚଳର ଜଣେ ରୋଗୀ ମୃତ



କୁଇଓ,୧୬ ।୩(ସମିସ): କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣାରେ ବଅଁରପାଳ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଜାମୁନାଳୀ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ଚେରୁ ପରିଡ଼ା । ସପ୍ତାହକ ତଳେ ଚେରୁଙ୍କୁ ଏକ ଗାଈ ଆକ୍ରମଣ କରି ଶିଙ୍ଗରେ ଟେକି ତଳେ କଚାଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଏସସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ରବିବାର ବିଳମ୍ବିତ ରାତିରେ ଏସସିବି ମେଡିକାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ତାଙ୍କ ମୃତ୍ୟୁ ହୋଇଛି ।

■ ମହିଳାଙ୍କ ଉଜ୍ଜ୍ୱଳା ଗ୍ୟାସ ହଡ଼ପ ଘଟଣା

# ଖବର ପ୍ରକାଶ ପରେ ମିଳିଲା ସଂଯୋଗ

**ପରଜଙ୍ଗ,୧୬ ।୩(ସମିସ):** ପରଜଙ୍ଗ ବ୍ଲକ କଣ୍ଟେଇଖୋଲ ଗ୍ରାମର ରାସନ୍ କାର୍ଡଧାରୀ ଖଜୁରୀ କାଣ୍ଡି (୬୨) ୨୦୧୮ରେ ଉଜ୍ଜ୍ୱଳା ଗ୍ୟାସ୍ ଯୋଜନାରେ ସରାଙ୍ଗସ୍ଥିତ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଇତିମଧ୍ୟରେ ଦୀର୍ଘ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାଙ୍କୁ ଗ୍ୟାସ୍ ସଂଯୋଗ ମିଳି ନ ଥିଲା। ଖଜୁରୀ ବିଭିନ୍ନ ସମୟରେ ବିତରକଙ୍କ ପାଖକୁ ଯାଇ ପଚାରିଥିଲେ ମଧ୍ୟ ତୁରର ଗ୍ୟାସ୍ ସଂଯୋଗ ହୋଇନାହିଁ ବୋଲି କୁହାଯାଉଥିଲା। ତେବେ ଖଜୁରୀଙ୍କ ପୁଅ ଚଗଲା କାଣ୍ଡି ଏହାର ସତ୍ୟାସତ୍ୟ ଜାଣିବାକୁ ତାଙ୍କ ମା'ଙ୍କ ରାସନ୍ କାର୍ଡ ଏବଂ ଆଧାର କାର୍ଡ ଧରି ଜନସେବା କେନ୍ଦ୍ରକୁ ଯାଇ ଯାଞ୍ଚ କରିବା ବେଳେ ତାଙ୍କ ନାମରେ ୨୦୧୮ରୁ ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଉଜ୍ଜ୍ୱଳା ପୋର୍ଟାଲ ମାଧ୍ୟମରେ ଗ୍ୟାସ ବିତରକ ସଂସ୍ଥା ନାମରେ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଖବର ସୋମବାର ଗଣମାଧ୍ୟମରେ ପ୍ରକାଶ ପରେ ବିତରକ ସଂସ୍ଥା ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ ଡକାଇ ଉଜ୍ଜ୍ୱଳା ଗ୍ୟାସ ଯୋଜନାରେ ଟାଙ୍କି ଏବଂ ଚୁଲା ସହ ଗ୍ୟାସ ବହି ପ୍ରଦାନ କରାଯାଇଛି। ଖଜୁରୀଙ୍କର ଦୀର୍ଘ ୮ ବର୍ଷର ସଂଗ୍ରାମ ଗୋଟିଏ ଦିନରେ ସମାଧାନ ହୋଇଥିବାରୁ ଗଣମାଧ୍ୟମକୁ କୃତଜ୍ଞତା ଜଣାଇଛନ୍ତି।



**୮ ବର୍ଷର ସଂଗ୍ରାମ, ଦିନକରେ ସମାଧାନ**

**ଅଙ୍ଗନବାଡ଼ି କର୍ମୀଙ୍କ ଠକେଇ**

# ହିତାଧିକାରୀଙ୍କୁ ମିଳୁଛି କମ୍, କାଗଜପତ୍ରରେ ବେଶୀ

**୩ ମାସରେ ଥରେ ଦେଉଛନ୍ତି ଛତୁଆ, ଅଣ୍ଡା** | **ସିଡିପିଓଙ୍କ ନିକଟରେ ଅଭିଯୋଗ**

**ପରଜଙ୍ଗ,୧୬ ।୩(ସମିସ)**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ୩ନଂ ଅଙ୍ଗନବାଡ଼ି କେନ୍ଦ୍ରରେ ହିତାଧିକାରୀଙ୍କୁ ଛତୁଆ ଏବଂ ଅଣ୍ଡା ପ୍ରଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମୃଣାଳିନୀ ଦଳବେହେରା ଏହି ଅଙ୍ଗନବାଡ଼ି କେନ୍ଦ୍ରରୁ କିଶୋରୀ ବାଳିକା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସାମଗ୍ରୀ ପାଇ ଆସୁଥିଲେ। ତେବେ ଗତବର୍ଷ ନଭେମ୍ବର, ଡିସେମ୍ବର ଏବଂ ଚଳିତ ବର୍ଷ ଜାନୁଆରୀ ଏକକାଳୀନ ୩ ମାସର ୩ ପ୍ୟାକେଟ ଛତୁଆ ଓ ୩ ପ୍ୟାକେଟ ବାଦାମ ଲଡୁ ଅଙ୍ଗନବାଡ଼ି କର୍ମୀ ଫେବୃଆରୀ ମାସରେ ପ୍ରଦାନ କରିଥିବା ବେଳେ ଅଣ୍ଡା ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ଫେବୃଆରୀ ମାସର ଗୋଟିଏ ପ୍ୟାକେଟ ଛତୁଆ, ଗୋଟିଏ ପ୍ୟାକେଟ ବାଦାମ ଲଡୁ ସହ ୩୦ଟି ଅଣ୍ଡା ମାର୍ଚ୍ଚରେ ପ୍ରଦାନ କରାଯାଇଥିଲା। ସରକାରୀ ନିୟମ ମୁତାବକ ୪ ମାସର ୬୪ଟି ଅଣ୍ଡା ପାଇବାକୁ ନିୟମ ଥିବାବେଳେ ମାତ୍ର ୩୦ଟି ଅଣ୍ଡା ଦେଇଥିଲେ। ଏ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ଝୁନୁରାଣୀ ସେଠୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।



ସେହିପରି ୭ ମାସରୁ ୩ ବର୍ଷ ବୟସ୍କ ବାଳିକା, ବାଳକ, ଗର୍ଭବତୀ ମହିଳା, ପ୍ରସୂତି ମହିଳାଙ୍କୁ ପ୍ରତ୍ୟେକ ମାସରେ ୧୨ଟି ଅଣ୍ଡା ଦେବାର ନିୟମ ରହିଥିବା ବେଳେ ୧୦ଟି ଲେଖାଏଁ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଏଥିସହ କେନ୍ଦ୍ରରେ ଶିଶୁମାନଙ୍କୁ ସୋମବାର ଭାତ, ଡାଲି ସହ ଅନ୍ୟ ୫ ଦିନ ଅଣ୍ଡା, ଭାତ ଦେବା ନିୟମ ରହିଛି। କିନ୍ତୁ କର୍ମୀ ଜଣକ ୫ ଦିନ ଅଣ୍ଡା ଭାତ ବଦଳରେ ଦିନେ ଦୁଇଦିନ ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ମୃଣାଳିନୀ ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ଢେଙ୍କାନାଳ ଜିଲ୍ଲାପାଳ, ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ମାଧ୍ୟମରେ ପ୍ରେରଣ କରିଛନ୍ତି। ଏ ବିଷୟରେ କର୍ମୀ ଝୁନୁରାଣୀ ସେଠୀ କୁହନ୍ତି, ଅଣ୍ଡା ୩ ମାସ ପାଇଁ ୩୦ଟି ଦିଆଯାଇଛି। ଆର ମାସରେ ଆଉ ୧୦ଟି ଦିଆଯିବ ବୋଲି କହିଛନ୍ତି।

ସେହିପରି ଛତୁଆ ଯୋଗାଣକାରୀ କୁହନ୍ତି, ପ୍ରତ୍ୟେକ ମାସରେ ଛତୁଆ ଯୋଗାଣ ହେଉଛି। ସୁପରଭାଇଜର ପୂର୍ଣ୍ଣିମା ବେହେରା କୁହନ୍ତି, କର୍ମୀ ଅଣ୍ଡା କମ୍ ଦେଇଥିବା ସ୍ୱୀକାର କରିଛନ୍ତି। ତାଙ୍କୁ ତାଗିଦ କରିଛି। ଆଗକୁ ଏମିତି ହେବନାହିଁ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ବଜାରରେ ଏବେ ଅଣ୍ଡା ଗୋଟିକୁ ଦର ୫ ଟଙ୍କା ଥିବା ବେଳେ ସରକାର ୭ ଟଙ୍କା ପ୍ରଦାନ କରୁଛନ୍ତି। ଏହିପରି ବ୍ଲକ ସାରା ଅନିୟମିତତା ହେଉଥିବା ବିଶେଷ ଅଭିଯୋଗ ହେଉଛି।

# ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଢେଙ୍କାନାଳ,୧୬ ।୩(ସମିସ):** ସ୍ଥାନୀୟ ପିଏମଶ୍ରୀ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ମୂର୍ଚ୍ଛନା' ପାଳନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ସତ୍ୟବାନ ପାତ୍ର ମୁଖ୍ୟଅତିଥି, କାଉନସିଲର ଲକ୍ଷ୍ମୀପ୍ରିୟା ଦଳାଇ, ସଂଗଠକ ରଞ୍ଜନ କୁମାର ସାହୁ, ଶିକ୍ଷବିତ୍ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ଛାତ୍ର ସଂସଦ ସଭାପତି କୁସିଦା ବେଗମ ଏବଂ ପୂର୍ବତନ ପରିଚାଳନା କମିଟି ସଭାପତି ବିକାଶ ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଭୁବନ ବିଇଓ ମିନତୀ ଦେହୁରୀ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ଲିପିକା ନାୟକଙ୍କ ବେଦମନ୍ତ୍ର ପାଠ କରିଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗରେ ଦକ୍ଷତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଓଭିଇପିର ବାର୍ଷିକ ଦିବସ ପାଳନ କରିବାକୁ ଯାଇ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷିକା ଜୟନ୍ତୀ ବେହେରା ଓ ଦୁଷ୍ମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ନିକଟସ୍ଥ ପାଞ୍ଚଟି ବିଦ୍ୟାଳୟ ଓ ଆୟୋଜକ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଓଭିଇପି ନିର୍ଦ୍ଦେଶିତ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ରାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ବିପଦ ସୃଷ୍ଟି କରୁଛି ଅସୁରକ୍ଷିତ ଗଛ

**ହିନ୍ଦୋଳ/ଖଜୁରିଆକଟା,୧୬ ।୩(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ଏନଏସି ରାସ୍ତା ଉପରେ ରହିଛି ବିପଦସଙ୍କୁଳ ପୁରାତନ ଗଛ। ହିନ୍ଦୋଳ ଏନଏସି ଦେଇ ପିଡବ୍ଲ୍ୟୁଡି ବିଭାଗର ୪୨ନଂ ରାଜ୍ୟ ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ବର୍ଷର ପୁରୁଣା ଗଛ ସବୁ ଏବେ ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏନଏସି ୱାର୍ଡ ନଂ-୧୨ କାନ୍ଦରାଶୁଣିରୁ ୱାର୍ଡ ନଂ-୧୩ ଦେଇ ଏନଏସି ପ୍ରବେଶଦ୍ୱାର ଅଞ୍ଚଳ ପର୍ଯ୍ୟନ୍ତ ଗୁଡିଆକାଟେଣୀ ରାସ୍ତା ଉପରେ, ହିନ୍ଦୋଳ ତହସିଲ ଅଫିସ ସାମ୍ନା, ୱାର୍ଡ ନଂ-୩ ପ୍ରାଣୀ ଚିକିତ୍ସାଳୟ ନିକଟବର୍ତ୍ତୀ ଅଞ୍ଚଳ, ଅନୁଗୋଳ ପଟକୁ ରାସ୍ତାର ପ୍ରାଣୀ ଚିକିତ୍ସାଳୟଠାରୁ ଏନଏସି ଗେଟ ପର୍ଯ୍ୟନ୍ତ ଏବଂ ୱାର୍ଡ ନଂ-୨ର ଜେଲ ରୋଡରେ ଅନେକ ଶତାଧିକ ବର୍ଷର ପୁରୁଣା ଅସୁରକ୍ଷିତ ତଥା ଭାଙ୍ଗିବା ଅବସ୍ଥାରେ ବିଭିନ୍ନ ଗଛ ରହିଛି। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେଉଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ସହରବାସୀ ତଥା ଏହି ରାସ୍ତାରେ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ହଜାର ହଜାର ଜନସାଧାରଣ, ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଗାଡ଼ିମୋଟର, ଗୃହପାଳିତ ପଶୁ ପ୍ରତିଦିନ ଜୀବନକୁ ବିପନ୍ନ କରି ଭଗବାନଙ୍କ ଭରସାରେ ରହିଛନ୍ତି। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିପଦପୂର୍ଣ୍ଣ ବୃକ୍ଷଗୁଡ଼ିକ ଚିହ୍ନଟ କରାଯାଇ ଅପସାରଣ କରାଯିବାକୁ ହିନ୍ଦୋଳବାସୀ ଦାବି କରିଛନ୍ତି।



# ନବମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ



**ଢେଙ୍କାନାଳ,୧୬ ।୩(ସମିସ):** ସଦରଥାନା ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ବଉଳପୁର ଗ୍ରାମର ଜଣେ ନବମ ଶ୍ରେଣୀର ଛାତ୍ରଙ୍କୁ ସେହି ଗ୍ରାମର କିଛି ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ପୁଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ବଉଳପୁର ଗ୍ରାମର ବବିତା ମଳିକଙ୍କ ପୁଅ ଅନିମେଶ ମଳିକ ଶ୍ରୀ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଶନିବାର ସେ ବିଦ୍ୟାଳୟକୁ ଯାଇ ପରୀକ୍ଷା ଶେଷ ହେବା ପରେ ମଧ୍ୟାହ୍ନ ଭୋଜନ ପୂର୍ବରୁ ବିଦ୍ୟାଳୟ ପରିସର ବାହାରେ ଥିବା ଏକ ଦୋକାନକୁ ବିସ୍କୁଟ କିଣିବାକୁ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟ ପାଚେରିକୁ ଲାଗି ଘର କରିଥିବା ପ୍ରହ୍ଲାଦ ଏକ ଶାବଳରେ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ବେଳେ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆକ୍ରମଣରେ ଅନିମେଶଙ୍କ ହାତ ଭାଙ୍ଗିଯିବା ସହ ଗୋଡ଼ରେ ମଧ୍ୟ ଆଘାତ ଲାଗିଛି। ଏହି ସମୟରେ ଅନିମେଶଙ୍କ ସାଙ୍ଗମାନେ ସେଠାକୁ ଆସି ଛଡ଼ାଇବା ସମୟରେ ପ୍ରହ୍ଲାଦ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅନିମେଶଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସାଙ୍ଗ ବିଘ୍ନ ମଳିକ, ପୁପେନ୍ଦ୍ର ମଳିକ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ବିଦ୍ୟାଳୟ ସିସିଟିଭି କ୍ୟାମେରାରେ ମଧ୍ୟ ରେକର୍ଡ ହୋଇଛି। ଏ ନେଇ ବବିତା ସଦର ଥାନରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମର ମହିଳା ପୁରୁଷ ଏକାଠି ହୋଇ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଦଳିତ ସଙ୍ଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆକ୍ରମଣକାରୀଙ୍କ ବାପା ହୋମଗାର୍ଡ ହୋଇଥିବାରୁ ପୁଲିସ ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ଏସ୍‌ପିଙ୍କୁ ଭେଟିଲେ ଉତ୍ତ୍ୟକ୍ତ ଗ୍ରାମବାସୀ**

● ବ୍ୟାପକ ଦେଶୀମଦ କାରବାର

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଗଁଦିଆ,୧୬ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ମୁଗୁପଦା ଗ୍ରାମରେ ଦିନକୁ ଦିନ ଦେଶୀ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମକୁ ସ୍ଥାନୀୟ ଗୋଡ଼ିବାରି, ଭୁବନ, ଚନ୍ଦାର ଆଦି ଅଞ୍ଚଳରୁ ପ୍ରତିଦିନ ଚୋରାମଦ ଆସି ଖୁଲମଖୁଲା ବିକ୍ରି ହେଉଛି। ଗଁଦିଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ମାତ୍ର ଅଭିଯୁକ୍ତମାନଙ୍କୁ ଧରିବାରେ ଅବକାରୀ ବିଭାଗ ବିଫଳ ହୋଇଥିଲା। ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ମୁଖ୍ୟ ମଦ ବେପାରୀମାନଙ୍କୁ ଧରିବାରେ ଅବକାରୀ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି। ମଦ ବେପାରୀ ଓ ବିଭାଗର ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଜିଲ୍ଲା ଅବକାରୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ଟାଟା ଷ୍ଟିଲ୍ ୱାର୍କର୍ସ ୟୁନିଅନର ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

**ଖଜୁରିଆକଟା,୧୬ ।୩(ସମିସ):** ଟାଟାଷ୍ଟିଲ୍ ମେରାମଣ୍ଡଳି ୱାର୍କର୍ସ ୟୁନିଅନ ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ଉଦଯାପିତ ହୋଇଛି। ୫୦୦ରୁ ଅଧିକ କର୍ମଚାରୀ ଯୋଗଦାନ କରି ଏକତା ଓ ସଂଗଠନ ପ୍ରତି ସମର୍ଥନ ପ୍ରକାଶ କରିଥିଲେ। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ୟୁନିଅନ୍ ଅଧ୍ୟକ୍ଷ ବିକ୍ରମସିଂହ ଶୁଭ୍ରାଂଶୁ ଶେଖର ସାମଲ କହିଥିଲେ ଯେ ୟୁନିଅନ ସର୍ବଦା କର୍ମଚାରୀଙ୍କ ଅଧିକାର, ସମ୍ମାନ ଓ ସ୍ୱାଧୀନତା ପାଇଁ ଦୃଢ଼ ଭାବେ ଠିଆହେବ। କର୍ମଚାରୀଙ୍କ ଏକତା ହିଁ ଆମର ସବୁଠୁ ବଡ଼ ଶକ୍ତି ଏବଂ ଏହି ଏକତାକୁ ଆହୁରି ମଜବୁତ କରି ଆଗକୁ ବଢ଼ିବା ହିଁ ଆମର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଜୀବ ରଞ୍ଜନ, ଅରବିନ୍ଦ ମହାନ୍ତି, ସାଧାରଣ ସଚିବ ଦେବାଶିଷ ପ୍ରଧାନ, କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ସାହୁ, ସଂଯୁକ୍ତ ସଚିବ ନୀହାର ରଞ୍ଜନ ରାଉତ, ଚନ୍ଦ୍ରମଣି ସାହୁ, ସଂଗଠନ ସଚିବ ସରୋଜ କୁମାର ଲେଙ୍କା ଏବଂ ଲଳିତ ମୋହନ ବେହେରା ଉପସ୍ଥିତ ଥିଲେ। ପ୍ରୀତମ ନାଥ, ସତ୍ୟ, ବବଲୁ, ରାଜେଶ, ସତ୍ୟକାମ, ତାପସ, ଶଶାଙ୍କ, ସୌଭାଗ୍ୟ ପ୍ରମୁଖ ସହଯୋଗ କରିଥିଲେ।



# ଓଡ଼ାପଡ଼ାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ଖଜୁରିଆକଟା,୧୬ ।୩(ସମିସ):** ଓଡ଼ାପଡ଼ା ବ୍ଲକ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଏବିଡିଓ ସୁରେଶ କୁମାର ସାହୁ, ତହସିଲଦାର ମନୋଜ କୁମାର ମାଝୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗର ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ୫୪ଟି ଅଭିଯୋଗ ଆସିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୩ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଅଭିଯୋଗ ଆସିଥିଲା। ଏହି ୪ ଜଣଙ୍କୁ ୭୨ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବାକୁ ସୁପାରିସ କରାଯାଇଛି।

# ଭିଣୋଇକୁ ହତ୍ୟାକଲା ଶାଳକ; ଥାନାରେ ଏତଲା

**ଭୁବନ,୧୬ ।୩(ସମିସ):** ରବିବାର ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ମର୍ଥାପୁର ପଞ୍ଚାୟତ ଓଡ଼ଣା ଗ୍ରାମରେ ଘଟିଛି ହତ୍ୟାକାଣ୍ଡ। ସୁରପ୍ରତାପପୁର ଗ୍ରାମର କାଳନ୍ଦି ମଲ୍ଲିକଙ୍କ ପୁଅ ବିମଳ ମଲ୍ଲିକ (୩୬)ଙ୍କୁ ତାଙ୍କ ଶାଳକ ସିପୁନ ମଲ୍ଲିକ ହତ୍ୟା କରିଥିବା ବିମଳଙ୍କ ସ୍ତ୍ରୀ ପଦ୍ମିନୀ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ସିପୁନ ବିମଳଙ୍କୁ ଘରୁ ଡାକି ନେଇଥିଲେ। ବିଳମ୍ବିତ ରାତିରେ ସିପୁନ ଗ୍ରାମରେ ଏକାରୀ ବୁଲୁଥିବା ଦେଖି ବିମଳ କୁଆଡ଼େ ଗଲା ବୋଲି ପରିବାର ଲୋକେ ପଚାରିଥିଲେ। ତେବେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ପରିବାର ଲୋକ ଓ ଗ୍ରାମବାସୀ ମିଶି ଖୋଜାଖୋଜି କରିଥିଲେ। ଓଡ଼ଣା ଗ୍ରାମ ପୋଲ ତଳେ ବିମଳ ସଙ୍କଟାପନ୍ନ ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।



**ଅଲଟରନେଟିଭ ରିଦମ ଥିଏଟର ପକ୍ଷରୁ ପ୍ରକୃତି ସହିତ ନାଟକର ୪ର୍ଥ ପ୍ରଦର୍ଶନ**

# ଦେଓପଡ଼ାରେ ବାଜିଲା ଢୋଲିଆର ଢୋଲ

**ଢେଙ୍କାନାଳ,୧୬ ।୩(ସମିସ)**

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାଟକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ନାଟ୍ୟାନୁଷ୍ଠାନ ଅଲଟରନେଟିଭ ରିଦମ ଥିଏଟର ପକ୍ଷରୁ ରବିବାର ପ୍ରକୃତି ସହିତ ନାଟକ କାର୍ଯ୍ୟକ୍ରମରେ ଢୋଲିଆ ନାଟକର ଚତୁର୍ଥ ପ୍ରଦର୍ଶନ ସଦର ବ୍ଲକ ଦେଓପଡ଼ା ଗ୍ରାମରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ବଗିଚାରେ ପ୍ରଦର୍ଶିତ ହୋଇଛି। ଏହି କାର୍ଯ୍ୟକ୍ରମ ସତେ ଯେମିତି ଆହ୍ୱାନ ଦେଉଥିଲା, ଆସନ୍ତୁ ପ୍ରକୃତି ଆଡ଼କୁ ପାଦ ବଢ଼େଇବା। ଆକାଶକୁ ଛାତ ଓ ମାଟିକୁ ଆସନ କରିବା। କେବଳ କାନରେ ନୁହେଁ, ଅନ୍ତରାତ୍ମାରେ ଶୁଣିବା। ତାହାର ନିରବତା ଆମକୁ ସ୍ପର୍ଶ କରିବ। ତାହାର କାହାଣୀ ଆମକୁ ମଣିଷ ହେବାର ସତ୍ୟତା ମନେପକାଇ ଦେବ। ଅଲଟରନେଟିଭ ରିଦମ ଥିଏଟରର ଏହି ଅନନ୍ୟ ପ୍ରକୃତି ସହିତ ନାଟକର ସାକ୍ଷୀ ହେବା ପାଇଁ ଅନେକ ଦର୍ଶକ ଏକାଠି ହୋଇଥିଲେ। ଆକାଶର ଛାତ ତଳେ ମାଟିର ଆସନରେ ବସି ନାଟକ ଢୋଲିଆକୁ ଅନୁଭବ କରୁଥିଲେ ମର୍ମେ ମର୍ମେ। ବାଜୁଥିଲା ଢୋଲ ମଣିଷପଣିଆର ଆହ୍ୱାନରେ ଆଉ ଜାତିବାଦର ଭେଦଭାବ ଆଉ ଯାତନା ବିରୁଦ୍ଧରେ। ବସ୍ତୁବାଦୀ ଦୁନିଆ ଆଉ ରଢ଼ିବାଦୀ ଚେତନାରେ ଥିବା ଲୋକମାନଙ୍କୁ ସତେ ଯେମିତି ମଣିଷପଣିଆର କଥା କହୁଥିଲା ଢୋଲିଆ। ପୁରୁଷ ପୁରୁଷ ଧରି ଲୋକକଳା, ଲୋକସଂସ୍କୃତି ଆଉ ଲୋକ ପରମ୍ପରାର ଢୋଲକୁ କାନ୍ଧରେ ବୋହି ପିଢ଼ି ପରେ ପିଢ଼ି ପାଖରେ ପହଞ୍ଚାଉଥିବା ବିଚରା ଢୋଲିଆକୁ କିନ୍ତୁ ସାରା ଜୀବନ ନିନ୍ଦା, ଘୃଣା ଆଉ ଭେଦଭାବର ଗଣ୍ଠିରାକୁ ମୁଣ୍ଡରେ ବୋହିବାକୁ ପଡ଼େ। ନା କେବେ ତାକୁ କେହି ସମ୍ମାନ କରିଛି ନା ତା' କଳାର ପ୍ରଶସ୍ତି ଗାନ କରିଛି। ଭଲ କରିବାକୁ ଯାଇ ଭୁଲର ଦଣ୍ଡ ପାଇଛି। ମଣିଷପଣିଆର କାବ୍ୟ କରୁ କରୁ ପଶୁ ଭଳି ବ୍ୟବହାର ପାଇଛି। ଜାତିଭେଦ, ଉଚ୍ଚନୀଚ, ଛୁଆଁଅଛୁଆଁର କ୍ରୋଧ ଆକ୍ରୋସର ଫଳ ସ୍ୱରୂପ ଜଳି ପାଉଁଶ ହୋଇଯାଇଛି ଢୋଲିଆର ଘରସଂସାର। ଶେଷରେ ଢୋଲିଆ ସମଗ୍ର ମଣିଷ ଜାତିକୁ ଅଭିଶାପ ଦେଇଛି। ଯଦି ସଂସାରରୁ ଜାତି ଧର୍ମର ଭେଦଭାବ ଦୂର ନ ହୁଏ, ତେବେ ମୋ ଘରସଂସାର ପରି ସମଗ୍ର ସଂସାର ଦିନେ ଜଳିପୋଡ଼ି ନଷ୍ଟ ହେଇଯିବ। ଏହି ଆହ୍ୱାନ ସ୍ପନ୍ଦିତ ହୋଇଥିଲା ନାଟକର ସାକ୍ଷୀ ଥିବା ପ୍ରତିଟି ହୃଦୟରେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନାଟ୍ୟକାର ତଥା ନିର୍ଦ୍ଦେଶକ ଦୀନେଶ ଦାସ, ନାଟକର ପରିକଳ୍ପନା, ରଚନା ଓ ନିର୍ଦ୍ଦେଶନା ସହ ଏକମାତ୍ର ଅଭିନେତା ଭାବେ ନାଟକରେ ଅଭିନୟ କରିଥିଲେ। ମଣ୍ଟୁ ସଙ୍ଗୀତ ପରିଚାଳନା କରିଥିବା ବେଳେ ପ୍ରମୋଦ, ବିଜ୍ଞାନ, ମାଧବ ଏବଂ ସୌମିତ୍ରୀ ଅଲଟରନେଟିଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଖାଉଟି ଅଧିକାର ସଚେତନତା କର୍ମଶାଳା

**ଢେଙ୍କାନାଳ,୧୬ ।୩(ସମିସ):** ସଦର ବ୍ଲକ ଅନ୍ତର୍ଗତ ସ୍ୱପ୍ନେଶ୍ୱର ବିଦ୍ୟାପୀଠ, କାକୁଡିଭାଗ ଠାରେ ଜିଲ୍ଲାସ୍ତରୀୟ ଖାଉଟି ଅଧିକାର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖାଉଟି ମାନଙ୍କର ଅଧିକାର ଓ ନିରାପତା ଗୁଣବତା ତଥା କର୍ତ୍ତବ୍ୟ ଉପରେ ଆଲୋକ ପତ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସହକାରୀ ବୈଧ ଓଜନ ମାପର ମୁଖ୍ୟ ରଞ୍ଜନ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦାନକାରୀଙ୍କ ତାଙ୍କର ବକ୍ତବ୍ୟ ମାଧ୍ୟମରେ ଖାଉଟି ମାନଙ୍କର ଅଧିକାର ଗୁଡ଼ିକ କଣ। ଏହାର ପ୍ରଭାବରେ କିପରି ଖାଉଟି ମାନେ କିପରି ବଜାରରୁ ସୁଦ୍ଧା ଗୁଣବତା ଥିବା ଜିନିଷ ନିଜ ପସନ୍ଦରେ କିଣିପରିବେ ତଥା ସୁନା କିଣିବା ବେଳେ ଗ୍ରାହକମାନେ କେମିତି ବିସି କେୟାର ଆପ ବ୍ୟବହାର କରି ଆରିନାଲ ସୁନା କିଣିବା ଉପରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ଚନ୍ଦନ ସାହୁ, ବିଶ୍ୱଜିତ୍ ପଣ୍ଡା, ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସାଯୋଜକ ଆତ୍ମଜା ପୁହାଣ ବରିଷ୍ଠ ଓକିଲ ସୁବୋଧ ମହାନ୍ତି ପାଙ୍କଜ ଲୋଚନ ପଣ୍ଡା ସ୍ୱପ୍ନେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଯଶୋବନ୍ତ ରାଉତ ଓ ରୂପାର ସମ୍ପାଦକ ଶ୍ରୀନିବାସ ସାହୁ ଯୋଗଦେଇ ନିରାପଦ ଉତ୍ପାଦ ଓ ବିଶ୍ୱାସ ଯୋଗ୍ୟ ଖାଉଟିମାନଙ୍କର ଅଧିକାର ଆଇନ ଗୁଡ଼ିକ ବୁଝାଇଥିଲେ। ରୂପାର ସହକର୍ମୀ ସୁକାନ୍ତି ଖୁଣ୍ଟିଆ ସ୍ୱାଗତ ଭାଷଣ ପୂର୍ବକ ଧନ୍ୟବାଦ୍ ଦେଇଥିଲେ। ଉକ୍ତ କର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ ଯୋଗ ଦେଇଥଲେ। ଏହି କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପୌରାଣିକ କଥାବସ୍ତୁ ଯୋଡି ଖାଉଟିମାନଙ୍କୁ ଉତ୍ସାହିତ କରୁଥିବାବେଳେ ରୂପାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



